## ସାହିତ୍ୟୋତ୍ସବର ତୃତୀୟ ଦିବସରେ ୨୨ ଅଧିବେଶନ

# ସାରସ୍ୱତ ଅନୁଭୂତି ବାଣ୍ଟିଲେ ପୁରସ୍କାର ବିଜେତା




ଭୁବନେଶ୍ୱର,୧୦।୩(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ଆୟୋଜିତ ସାହିତ୍ୟୋତ୍ସବର ତୃତୀୟ ଦିନରେ ୨୨ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏକାଡେମୀ ପୁରସ୍କାର ବିଜେତା ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ଭାରତୀୟ ଐତିହାସିକ କଥାଚିତ୍ରର ସାର୍ବଜନୀନତା ଏବଂ ମାନବୀୟ ଅନୁଭବର ସହଭାଗିତା, ଗଣମାଧ୍ୟମ ସାହିତ୍ୟିକ କୃତୀର ପ୍ରସାରରେ ଏକମାତ୍ର ମାଧ୍ୟମ କି, ବିଶ୍ୱ ସାହିତ୍ୟ ଏବଂ ଭାରତୀୟ ସାହିତ୍ୟ, ଓମ୍‌ଚେରି ଏନ୍. ପିଲ୍ଲାଇ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ଆଧୁନିକ ଭାରତୀୟ ସାହିତ୍ୟରେ ତୀର୍ଥଯାତ୍ରା ବିଷୟରେ ଆଲୋଚନା ହୋଇଥିଲା। ଏହିସହିତ ଏକାଧିକ ଅଧିବେଶନରେ ବହୁଭାଷୀ କବିତା ଏବଂ ଗଳ୍ପ ପାଠ ହୋଇଥିଲା। ପ୍ରସିଦ୍ଧ ଇଂରାଜୀ ଲେଖକ ଉପମନ୍ୟୁ ଚାଟାର୍ଜୀ 'କିଛି ଧ୍ୟାନ ଦେବା ଯୋଗ୍ୟ ଜିନିଷ' ବିଷୟରେ ବକ୍ତୃତା ଦେଇଥିଲେ। ସାହିତ୍ୟ ଓ ଗଣମାଧ୍ୟମ ସମ୍ପର୍କିତ ଆଲୋଚନାରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ ବିଶିଷ୍ଟ ଲେଖକ ଗୌରହରି ଦାସ। ଏହିସହ ୮ ତାରିଖରେ ପୁରସ୍କୃତ ଲେଖକମାନେ ପାଠକଙ୍କ ସହ ସେମାନଙ୍କର ସୃଜନଶୀଳ ପ୍ରକ୍ରିୟା ଓ ଅନୁଭୂତି ବାଣ୍ଟିଥିଲେ। ସମସ୍ତଙ୍କର ଅନୁଭୂତି ପରସ୍ପରଠାରୁ ଭିନ୍ନ ଏବଂ ହୃଦୟସ୍ପର୍ଶୀ ଥିଲା। ଓଡ଼ିଆ ଭାଷା ପାଇଁ ପୁରସ୍କୃତ ପ୍ରଫେସର ବୈଷ୍ଣବ ଚରଣ ସାମଲ ସାରସ୍ୱତ ଅନୁଭୂତି ବଖାଣିଥିଲେ।

### ସିନେମା ସମ୍ପର୍କିତ ଆଲୋଚନାରେ ଅତୁଲ ତିୱାରୀ ଏବଂ ନନ୍ଦିତା ଦାସ

ପ୍ରଖ୍ୟାତ ଚଳଚ୍ଚିତ୍ର ଲେଖକ ଅତୁଲ ତିୱାରୀଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଓ ସିନେମା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିରେ ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତ୍ରୀ ଏବଂ ନିର୍ଦ୍ଦେଶିକା ନନ୍ଦିତା ଦାସ, ମୁକ୍ତା ସିହ୍ନା, ମୁର୍ତଜା ଅଲ୍ଲୀ ଖାନ ଏବଂ ଜେରାଲ ଜୟଦେବ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସିନେମା ଅନେକ କଳାର ସମାହାର। ସିନେମା ପାଇଁ ସବୁବେଳେ ସାହିତ୍ୟର ଆବଶ୍ୟକତା ରହିବ। ସେହିପରି ସାହିତ୍ୟ ପାଇଁ ମଧ୍ୟ ସିନେମା ଆବଶ୍ୟକ। ଗୋଟିଏ ଭଲ ଫିଲ୍ମ ତିଆରି କରିବା ଏକ ଭଲ ଉପନ୍ୟାସ ଲେଖିବା ଭଳି କାର୍ଯ୍ୟ ବୋଲି ବକ୍ତାମାନେ କହିଥିଲେ।